ଉପବାଚସ୍ପତି ହରିହର ବାହିନୀ ପତିଙ୍କ ନେତୃତ୍ୱରେ ଏକ ଶୋକସଭା କରାଯାଇ ଓଡ଼ିଶାର ବହୁ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଦ୍ୱାରା ତାଙ୍କର ବହୁବିଧ ଗୁଣାବଳୀ ବର୍ଣ୍ଣନା କରାଯାଇଥିଲା । ସେ ପୃଥିବୀ ବକ୍ଷରୁ ଚାଲିଯାଇଥିଲେ ମଧ୍ୟ ତାଙ୍କର ସ୍ମୃତି ଚିରକାଳ ଉଜ୍ଜୀବିତ ହୋଇରହିଛି । ସେଥିପାଇଁ କୁହାଯାଇଛି "Born never to be born again, Die never to die again". ମୃତ୍ୟୁ ବିହୀନ ମୃତ୍ୟୁ ଆବଶ୍ୟକ । ଯୋଗଜନ୍ମା ଲତିଫୁର ରହେମାନ ସଦାସର୍ବଦା ଜନସାଧାରଣଙ୍କ ସ୍ମୃତି ପଟଳରେ ରହିଥାନ୍ତୁ ।

ବିଶ୍ୱାତ୍ମା, ଏମ୍‌–୨୩, ଖୋର୍ଦ୍ଧା ବିଡିଏ କଲୋନୀ
ବକ୍ସି ଜଗବଂଧୁ ନଗର, ଖୋର୍ଦ୍ଧା
ପିନ୍‌–୭୫୨୦୫୫

# ଶ୍ରଦ୍ଧାଞ୍ଜଳି ଦେବା ଏ ପୁଣ୍ୟ ତିଥିରେ

**ଇଂ. ରଘୁନାଥ ପାତ୍ର**

ସାଧାରଣତନ୍ତ୍ର ପବିତ୍ର ଦିବସେ
ଶୁଭେଚ୍ଛା ଜଣାଏ ସଭିଙ୍କୁ କବି
ଏ ଜାତିର ପିତା ମହାତ୍ମା ଗାନ୍ଧୀ ଓ
ଦେଶଭକ୍ତି ବରପୁତ୍ରଙ୍କୁ ଭାବି ।
ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ
ବାଜି ରାଉତ ଓ ସୁରେନ୍ଦ୍ର ସାଏ
ଲକ୍ଷ୍ମଣ ନାଏକ ଦେଶଭକ୍ତି କଥା
ବଳିଦାନ କଥା ଏ ଦେଶ ଗାଏ ।
ନେହେରୁ ନେତାଜୀ ଆଜାଦ୍‌ ପ୍ରସାଦ
ଗୋପବନ୍ଧୁ ଦାସ ମଧୁସୂଦନ
ଆମ୍ବେଦକରଜୀ ଲାଲାଜୀ ତିଳକଜୀ
ମହତାବ ବିଜୁବାବୁ ବରେଣ୍ୟ ।
ମା'ରମାଦେବୀ ମାଳତୀ ଚୌଧୁରୀ
ତ୍ୟାଗ ଦେଶଭକ୍ତି ପ୍ରେରଣା ଦାତ୍ରୀ
ସୁରକ୍ଷା ଏକତା ପାଇଁ ବଳିଦାନ
ଦେଇଥିବା ଯେତେ ଶହୀଦ ପ୍ରତି ।
ଊନବିଂଶ ପଚାଶ ଜାନୁଆରୀ ମାସ
ଛବିଶି ତାରିଖ ଗୁରୁତ୍ୱପୂର୍ଣ୍ଣ
ଧର୍ମନିରପେକ୍ଷ ଗଣତନ୍ତ୍ରର
କାର୍ଯ୍ୟକାରୀ ହେଲା ''ସମ୍ବିଧାନ''।
ଭାଷା ଜାତି ଧର୍ମ ବିବିଧତା ସତ୍ତ୍ୱେ
ଆଦର୍ଶ ଶାସନ ଚାଲେ ଏ ଦେଶେ
ଭାରତବାସୀଙ୍କ ସପନ ସାକାର
କରିବାକୁ ପଥ ଉଜ୍ଜ୍ୱଳ ଦିଶେ ।
ଅବହେଳିତ ଓ ଦୁର୍ବଳ ଶ୍ରେଣୀକୁ
ନ୍ୟାୟ ଓ ସୁଯୋଗ ମିଳେ ସର୍ବତ୍ର
ବିକାଶ ପଥରେ ଚାଲିଛୁ ଆଗେଇ
ସମାନ ଭାବରେ ଦେଇ ଗୁରୁତ୍ୱ ।
ବହୁ ପ୍ରାକୃତିକ ସମ୍ବଳରେ ପୂର୍ଣ୍ଣ
ଓଡ଼ିଶାକୁ ନେବା ଆଗେଇ ସର୍ବେ
ଅହିଂସା ପ୍ରଶାନ୍ତି ବିଶ୍ୱ ଭ୍ରାତୃତ୍ୱର
ବାର୍ତ୍ତା ପ୍ରଚାରି ବିଶାଳ ଭବେ ।
ଜାତୀୟ ପତାକା ଜାତୀୟ ସଂଗୀତ
ମହାନ୍‌ ରାଷ୍ଟ୍ରର ଆତ୍ମସମ୍ମାନ
ଯଶ ଗୁଣବତ୍ତା ନୈତିକତା ବୋଧ
ବଜାୟ ରଖିଲେ ଜୀବନ ଧନ୍ୟ ।
ବରପୁତ୍ରଙ୍କର ତ୍ୟାଗ ଓ ସଂଗ୍ରାମ
ଦେଶ ଭକ୍ତି ଭାବି ସକଳ ମିଶି
ଶ୍ରଦ୍ଧାଞ୍ଜଳି ଦେବା ଏ ପୁଣ୍ୟ ତିଥିରେ
କବି ରଘୁ ଭାଷେ ଦିବସ ନିଶି ।

ବୃନ୍ଦାବନ ଧାମ
ଲୋକନାଥ ରୋଡ଼, ପାଟଣାହାଟ ସାହି ଛକ
ପୁରୀ–୭୫୨୦୦୧